**ସଂକ୍ଷେପରେ**

## ସାପକୁ ବଞ୍ଚାଇବା ଲାଗି ଜୀବନକୁ ବାଜି

ରୂପ୍ସା,୧୦।୧୦(ଡି.ଏନ.ଏ.): ବିପଦ ବେଳେ ମଣିଷ ପ୍ରତି ମଣିଷ ମୁହଁ ଫେରାଉଥିବା ବେଳେ ସାପ ଭଳି ଏକ ଭୟଙ୍କର ଜୀବ ପାଇଁ ଶନିବାର ୨ ଜଣ ଲୋକ ନିଜ ଜୀବନକୁ ବାଜି ଲଗାଇ ଉଦ୍ଧାର କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସଦର ବ୍ଲକ ଓ ବସ୍ତା ଥାନା ଅଧୀନ ଶ୍ରୀରାମପୁର ଗ୍ରାମରେ।

ଏହି ଗ୍ରାମର ଶଙ୍କର ସରେନ ମାଛ ଧରିବା ପାଇଁ ନିକଟସ୍ଥ ଏକ ନାଳରେ ଜାଲ ପକାଇଥିଲେ। ସକାଳେ ଜାଲ ଉଠାଇବାକୁ ଯାଇଥିବା ବେଳେ ସେଥିରେ ଏକ ବିଷଧର ତେନ୍ତୁଳିଆ ନାଗ ଫସିଥିବା ଦେଖିବାକୁ ପାଇଥିଲେ। ଏହି ଖବର ଜାଣିବା ପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ସାପକୁ ଦେଖି ତାକୁ କେହି ମାରିଦିଅ ବୋଲି କହୁଥିବା ବେଳେ ଆଉ କେହି ଛାଡ଼ି ଦେବାକୁ କହିଥିଲେ। ମାତ୍ର କେତେଜଣ ଲୋକ ତାଙ୍କୁ ଉଦ୍ଧାର କରିବାକୁ ବି ଚାହିଁଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ଫରେଷ୍ଟରଙ୍କୁ ସୂଚନା ଦିଆଯାଇଥିଲା। ମାତ୍ର କରୋନା ପାଇଁ କର୍ମଚାରୀ ଅଭାବ ବୋଲି ସେ କହିଥିଲେ। ଚାରିଆଡୁ ନିରାଶ ହେବା ପରେ ସାପଟିର ମରିବା ପ୍ରାୟ ସୁନିଶ୍ଚିତ ଥିଲା। ଏହି ସମୟରେ ଶ୍ରୀରାମପୁର ଗ୍ରାମର ପ୍ରହ୍ଲାଦ ପାରି ଓ ଜୟନଗର ଗ୍ରାମର କୁଷ୍ଣା ସିଂ ନିଜ ଜୀବନକୁ ବାଜି ଲଗାଇ ସାପର ମୁଣ୍ଡକୁ ଧରି ତା' ଦେହରୁ ଜାଲକୁ କାଟି ବାହାର କରିଥିଲେ। ଫଳରେ ସାପଟି ଉଦ୍ଧାର ପାଇଥିଲା।

## ଗ୍ରାମାଞ୍ଚଳ ମ୍ୟୁଜିୟମ ପ୍ରତିଷ୍ଠା ଦାବି

କେନ୍ଦୁଝର, ୧୦।୧୦ (ସ୍ୱ.ପ୍ର.): ବିପ୍ଳବୀ ଧରଣୀଧର ଭୂୟାଁ (ନାଏକ)ଙ୍କ ସ୍ମୃତିରେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ବିପ୍ଳବୀଙ୍କ ନାମରେ ଜିଲାର ସର୍ବପୁରାତନ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ନାମକରଣ ହୋଇଥିବା ବେଳେ ଜିଲା ତଥା ରାଜ୍ୟରେ ପ୍ରତିମର୍ତ୍ତି ସ୍ଥାପନ କରି ସମ୍ମାନ ଜଣାଇବା ଏବଂ ଜନ୍ମ ଜୟନ୍ତୀ ପାଳନ ହେଉଛି। ବହୁ ନାମୀଦାମୀ ଡ. ପ୍ରତିଭା ରାୟ, ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ଭଳି ଲେଖକ ମଧ ବିପ୍ଳବୀଙ୍କୁ ନେଇ ବହୁ ଲେଖା ଓ ପୁସ୍ତକ ରଚନା କରିଛନ୍ତି। କେନ୍ଦୁଝର ଭୂୟାଁ ସମାଜ ଧରଣୀଙ୍କ ଫଟୋ, ତାଙ୍କ ଉପରେ ଲିଖିତ ପୁସ୍ତକ, ବ୍ୟବହୃତ ଅନେକ ସାମଗ୍ରୀ ସଂଗ୍ରହ କରିଛନ୍ତି। ଏଣୁ ସେସବୁକୁ ସାଇତି ରଖିବା ପାଇଁ ଏକ ମ୍ୟୁଜିୟମ ସ୍ଥାପନା କରିବା ପାଇଁ କେନ୍ଦୁଝର ବିକାଶ ପରିଷଦ ଜିଲାପାଳଙ୍କୁ ଅକ୍ଟୋବର ୪ ତାରିଖ ଦିନ ଚିଠି କରିଛନ୍ତି। ଏନେଇ ଗତ ଜୁନ ୨ ତାରିଖରେ ପରିଷଦ ସଂସ୍କୃତି ମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲେ।

## ବରିଷ୍ଠ ଖବରଦାତାଙ୍କ ଦେହାନ୍ତ

ସଜନାଗଡ଼, ୧୦।୧୦(ଡି.ଏନ.ଏ.): ନୀଳଗିରିର ବରିଷ୍ଠ ଖବରଦାତା ରତ୍ନାକର ବେହେରାଙ୍କ ଶନିବାର ଅପରାହ୍ଣରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା। ଅସୁସ୍ଥତା କାରଣରୁ ଚିକିତ୍ସା ପାଇଁ ତାଙ୍କୁ ନୀଳଗିରି ଡାକ୍ତରଖାନା ଅଣାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଏଥିସହିତ ସ୍ଥାନୀୟ ଅଞ୍ଚଳର ସମସ୍ତ ଖବରଦାତା ଡାକ୍ତରଖାନାରେ ପହଞ୍ଚି ତାଙ୍କୁ ଶେଷ ଦର୍ଶନ ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ପର୍ଯ୍ୟଟକଙ୍କୁ ଅପେକ୍ଷା

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର,୧୦।୧୦**


ଯୋଡ଼ା ବ୍ଲକର ମୁର୍ଗାନାଳ ଜଳପ୍ରପାତ।

- ସରକାରୀ ନିର୍ଦ୍ଦେଶ ପରେ ବଢ଼ିଲା ପ୍ରଶାସନିକ ତତ୍ପରତା
- କଣ୍ଟେନ୍‌ମେଣ୍ଟ ଜୋନ୍ ବ୍ୟତୀତ ଅନ୍ୟ ଅଞ୍ଚଳ ପାଇଁ କୋହଳ
- ହୋଟେଲ, ଗେଷ୍ଟହାଉସ୍‌ରେ ରହିପାରିବେ ଯାତ୍ରୀ

କେନ୍ଦୁଝର ଜିଲାର ପ୍ରାକୃତିକ ଝରଣା, ଜଳପ୍ରପାତ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିଥାଏ। ଆଉ ଏଠାରେ ବର୍ଷ ତମାମ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ । କିନ୍ତୁ କରୋନା ମହାମାରୀ ପାଇଁ ଚଳିତ ବର୍ଷ ପ୍ରକୃତିପ୍ରେମୀ ପର୍ଯ୍ୟଟକ କଟକଣା ଯୋଗୁ ନିରାଶ ହେଉଛନ୍ତି । କେବେ ପରିସ୍ଥିତି ସ୍ୱାଭାବିକ ହେବ ଏବଂ ଏହି ସବୁ ଜଳପ୍ରପାତ ଖୋଲିବ ସେ ଅପେକ୍ଷାରେ ରହିଛନ୍ତି । ଆଗକୁ ଆସୁଛି ଶୀତ ଋତୁ। ଲୋକେ ପର୍ଯ୍ୟଟନ ଋତୁରୁ ମଜା ନେବା ଲାଗି ଚାତକ ପରି ଚାହିଁ ରହିଛନ୍ତି। କରୋନା କଟକଣା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ କେନ୍ଦ୍ର ମାନ୍ୟତା ପ୍ରାପ୍ତ ଜଳପ୍ରପାତ ଗୁଡିକ ବନ୍ଦ ରଖାଯାଇଛି। କିନ୍ତୁ ଅନ୍ୟ ଅନାଲୋଚିତ ଓ ମାନ୍ୟତା ଅପେକ୍ଷାରେ ଥିବା ଜଳପ୍ରପାତରେ ପର୍ଯ୍ୟଟକଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଆଦେଶ କ୍ରମେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଏସ.ଆର.ଯାଦବ ଏହି ସବୁ ପର୍ଯ୍ୟଟନ କେନ୍ଦ୍ର ଗୁଡିକ ଖୋଲିବା ନେଇ ତତ୍ପରତା ଦେଖାଇଥିଲେ। ଏଥିନେଇ ଜିଲାପାଳଙ୍କୁ ୭୩୦୨/୫-୧୦-୨୦୨୦ ଚିଠି କରି କଣ୍ଟେନମେଣ୍ଟ ଜୋନ ବ୍ୟତୀତ ଅନ୍ୟ ଅଞ୍ଚଳରେ ଥିବା ପର୍ଯ୍ୟଟନ କେନ୍ଦ୍ର ସାଙ୍ଗକୁ ପର୍ଯ୍ୟଟକଙ୍କ ରହଣୀ ପାଇଁ ହୋଟେଲ, ଗେଷ୍ଟ ହାଉସ ତଥା ଅନ୍ୟ ବ୍ୟବସ୍ଥାର ଅନୁମତି ଦେବାକୁ କୁହାଯାଇଛି।

ବଣପାହାଡ ଘେରା କେନ୍ଦୁଝର ଜିଲାର ପ୍ରତିଟି ସ୍ଥାନ ରମଣୀୟ। ଏହାର ଥଣ୍ଡା ସବୁଜ ପରିବେଶ ଓ ଜଙ୍ଗଲ ପରିବେଷ୍ଟିତ ପ୍ରକୃତି ଦତ୍ତ ଜଳପ୍ରପାତ ସମସ୍ତଙ୍କୁ ଅଧିକ ମତୁଆଲା କରିଥାଏ। ବ୍ୟସ୍ତମୟ ଜୀବନରୁ ଟିକେ ଦୂରେଇ ରହି ପ୍ରକୃତି ମଧରେ ସମୟ ବିତାଇବା ସହ ଭୋଜିଭାତର ଆନନ୍ଦ ନେବାକୁ ଅନେକ ଚାଲିଆସନ୍ତି । କେନ୍ଦୁଝର ଜିଲାରେ ସାନଘାଗରା, ବଡଘାଗରା, ଖଣ୍ଡାଧାର, ଗୁଣ୍ଡିଚା ଘାଗୀ, ହାଣ୍ଡିଭଙ୍ଗା, ଭୀମକୁଣ୍ଡ, ମୁର୍ଗା, ଅସୁରଖୋଲ, ପିଶାଚୁଣୀ, ବାରାଗଡ (ଘାଗରା), ପୁଟୁଘରଘାଗୀ, ଚକ୍ରତୀର୍ଥ ଭଳି ବହୁ ପ୍ରାକୃତିକ ସୌନ୍ଦର୍ଯ୍ୟମୟ ଜଳପ୍ରପାତ ରହିଛି। ତେବେ ଏଥିରୁ ଅନେକ ପର୍ଯ୍ୟଟନର ମାନ୍ୟତା ପାଇନାହିଁ। ତେବେ ସାନଘାଗରା ଜଳପ୍ରପାତର ବିକାଶ ପାଇଁ ପ୍ରଶାସନ ଯେଉଁ ଭଳି ଭାବରେ ଉଦ୍ୟମ କରୁଛି ସେଭଳି ଉଦ୍ୟମ ଅନ୍ୟ ପର୍ଯ୍ୟଟନ କେନ୍ଦ୍ର ଗୁଡିକରେ କରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି । ସାନମାଛକାନ୍ଦଣା ନାଳ ଉପରେ ଥିବା ସାନଘାଗରା ଜଳପ୍ରପାତରେ ବୋଟିଂର ମଜା ଓ ଭୋଜିଭାତ କରିବା ପାଇଁ ଲକ୍ଷାଧିକ ପର୍ଯ୍ୟଟକ ଆସିଥାନ୍ତି। ସେହିପରି ସେଠାରୁ ମାତ୍ର ୪ କି.ମି. ଦୂରରେ ଥିବା ବଡଘାଗରା ଜଳ ପ୍ରପାତ ରହିଛି। ହରିଚନ୍ଦନପୁର ଓ ଘଟଗାଁ ବ୍ଲକ ସୀମାରେ ଥିବା ମୁଷଳ ନାଳ ଉପରେ ଥିବା ଗୁଣ୍ଡିଚାଘାଗୀ ଜଳପ୍ରପାତରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ କିଛି ବର୍ଷ ହେଲା ପ୍ରଶାସନ ବିକାଶମୂଳକ କାମ ଆରମ୍ଭ କରିଛନ୍ତି । ଏଠାରେ ୩/୪ ଜଳ ପ୍ରପାତ ଗୋଟିଏ ସ୍ଥାନରେ ରହିଥିବା ବେଳେ ଏହାର ମନୋରମ ଦୃଶ୍ୟ ଅନେକଙ୍କୁ ମୁଗ୍ଧ କରିଥାଏ। ସେହିପରି କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ସୀମାରେ ଥିବା ବୈତରଣୀ ନଦୀର ଭୀମକୁଣ୍ଡ ଜଳପ୍ରପାତର ବିକାଶ କରାଯାଇ ୱାଚ୍ ଟାୱାର ନିର୍ମାଣ କରାଯାଇଛି ଯାହାକି ପର୍ଯ୍ୟଟକ ମାନଙ୍କ ପ୍ରମୁଖ ଆକର୍ଷଣ ହେବ। ଝାଡ଼ଖଣ୍ଡ ରାଜ୍ୟ ସୀମାରେ ଥିବା ଜିଲାର ଯୋଡାବ୍ଲକର ମୁର୍ଗା ଠାରେ ଥିବା ମୁର୍ଗାନାଳ ଜଳପ୍ରପାତରେ ଗାଧୋଇବାର ମଜା ନେବା ସହ ଭୋଜିଭାତ , ମୁର୍ଗାମହାଦେବଙ୍କ ଦର୍ଶନ ପାଇଁ ଉଭୟ ରାଜ୍ୟରୁ ଲକ୍ଷାଧିକ ପର୍ଯ୍ୟଟକ ବର୍ଷତମାମ ଆସିଥାନ୍ତି । ଏନେଇ ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ହୋଟେଲରେ ୩୦ ପ୍ରତିଶତ ଲୋକ ରହିବା ବ୍ୟବସ୍ଥା କରାଯାଇଛି। ଖୁବ ଶୀଘ୍ର ଜଳପ୍ରପାତ ସମେତ ଅନ୍ୟାନ୍ୟ ପର୍ଯ୍ୟଟନ କେନ୍ଦ୍ର ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି।

## ଟ୍ରାକ୍ଟର ଜବତ କରି ଛାଡ଼ିଦେଲା ବନ ବିଭାଗ

**କେନ୍ଦୁଝର, ୧୦।୧୦ (ସ୍ୱ.ପ୍ର.)**

କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନ ଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରି ହେଉଥିବା ଖବର ପାଇ ସଦର ରେଞ୍ଜର ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ଗାଡି ଜବତ କରିଥିଲେ। ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା। ତେବେ ଶନିବାର ଭୋର ସମୟରେ ଡିପୋରୁ କାହିଁକି ଛାଡ଼ି ଦିଆଗଲା ତାହା ଜଣାପଡ଼ିନାହିଁ। ଏନେଇ ସଦର ରେଞ୍ଜର ଅରବିନ୍ଦ ନାୟକ କହିଛନ୍ତି, ଜବତ ଗାଡିର କାଗଜପତ୍ର ଯାଞ୍ଚ ପରେ ଫରେଷ୍ଟର ଛାଡିଦେଇଛନ୍ତି। ତେବେ କାଗଜପତ୍ର ଥିବାରୁ ଟ୍ରାକ୍ଟର ଛଡାଯାଇଛି। ତେବେ ଏହାର ସବିଶେଷ ତଦନ୍ତ କରାଯାଉଛି ବୋଲି ଡିଏଫଓ ସ୍ୱୟମ ମଲ୍ଲିକ ସୂଚନା ଦେଇଛନ୍ତି।

# ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା


ଅଗ୍ନିବିପନ୍ନଙ୍କ ପରିବାରଙ୍କ ସହ ଆଲୋଚନା କରୁଛନ୍ତି ମନ୍ତ୍ରୀ ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ, ୧୦।୧୦**

ବାଲେଶ୍ୱର ନିର୍ବାଚନମଣ୍ଡଳୀ ସଦର ବ୍ଲକ ଅଧୀନ ରସୁଲପୁର ପଞ୍ଚାୟତ ମନୁଡିହା ଗ୍ରାମର ବଳରାମ ନାୟକଙ୍କ ଘର ଶୁକ୍ରବାର ପୋଡ଼ିଯାଇଥିଲା। ଶନିବାର ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ପୂର୍ବତନ ଏମ୍‌ପି ତଥା ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ବିଜୁ ଜନତା ଦଳର ନେତୃବୃନ୍ଦ ସେଠାରେ ପହଞ୍ଚିଥିଲେ। ଉକ୍ତ ପରିବାରକୁ ଖାଦ୍ୟ ସାମଗ୍ରୀ, ପାନୀୟଜଳ, ବସ୍ତ୍ର, ପଲିଥିନ, ଔଷଧ ପ୍ରଦାନ ସହ ଖୁବ୍‌ଶୀଘ୍ର ସେମାନଙ୍କ ଘର ନିର୍ମାଣ ପାଇଁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଜେନା ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।

ମନୁଡିହା ଗ୍ରାମରେ ରୋଷେଇ ଗ୍ୟାସ ଟାଙ୍କି ଫାଟିଯାଇ ବଳରାମ ନାୟକ, ଭରତ ନାୟକ ଓ ଶତ୍ରୁଘ୍ନ ନାୟକଙ୍କ ୩ ବଖରା ଜଳି ଭସ୍ମୀଭୂତ ହୋଇଯାଇଥିଲା। ଅଗ୍ନିକାଣ୍ଡରେ ବଳରାମଙ୍କ ପୁତୁରା ମୁନା ନାୟକଙ୍କ ହାତ ପୋଡ଼ିଯାଇ ଆହତ ହୋଇଥିଲେ। ବସ୍ତା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଘରର ଆସବାବପତ୍ର, ଧାନଚାଉଳ, ବାସନକୁସନ, ଲୁଗାପଟା, ଆଦି ସମ୍ପୂର୍ଣ୍ଣ ଜଳି ଯାଇଥିଲା।

## ମହତୀପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

**ଖଇରା, ୧୦।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଶୁକ୍ରବାର ରାତିରେ ଚୋରି ହୋଇଯାଇଥିବା ସରପଞ୍ଚ ସଞ୍ଜୟ ସେଠୀ ଓ କଲ୍ୟାଣୀ ମହାସଂଘ ପକ୍ଷରୁ ପୃଥକ ଭାବେ ଖଇରା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଚୋରମାନେ କବାଟ ଭାଙ୍ଗି କାର୍ଯ୍ୟାଳୟରେ ଥିବା କମ୍ପ୍ୟୁଟର, ଜେରକ୍ସ ମେଶିନ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରାଇ ନେଇଛନ୍ତି । ସେହିଭଳି ପଞ୍ଚାୟତ ପରିସରରେ ଥିବା କଲ୍ୟାଣୀ ମହାସଂଘ କାର୍ଯ୍ୟାଳୟରୁ ଏକ ରେଫ୍ରିଜେରଟର, ପ୍ରାଣୀ ଔଷଧ, ଅନ୍ୟାନ୍ୟ ବହୁ ଆସବାବପତ୍ର ଚୋରାଇ ନେଇଥିବା ସଂଘ ସଭାପତି ଶକୁନ୍ତଳା ଗିରି ଓ ସମ୍ପାଦିକା ରଞ୍ଜିତା ମହାନ୍ତି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ମାସ୍କଚେକିଂ ଆଳରେ ଦିନତମାମ ଟଙ୍କା ଆଦାୟରେ ବ୍ୟସ୍ତ ଥିବା ଦର୍ଶାଇ ଅଭିଯୋଗର ୬ଘଣ୍ଟା ପରେ ଖଇରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ରିଲିଫ ପାଇଁ ବ୍ଲକ ଆଗରେ ଧାରଣା

**ତିହିଡ଼ି,୧୦।୧୦(ସ୍ୱ.ପ୍ର.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଦୌଲତପୁର ପଞ୍ଚାୟତ ଅଧୀନ ମାଳପୁର ଗ୍ରାମର ଦିବ୍ୟାଙ୍ଗ ସୁକାନ୍ତ ସେଠୀଙ୍କ ପରିବାର ରିଲିଫ ପାଇଁ ପୁଣିଥରେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ସରକାରଙ୍କ ଘୋଷଣା ଅନୁଯାୟୀ ବନ୍ୟା ରିଲିଫ ବାବଦରେ ପରିବାର ପିଛା ୫୦ କେ.ଜି ଚାଉଳ ଓ ୫ ଶହ ଟଙ୍କା ମିଳିବା କଥା। ମାତ୍ର ତାଙ୍କୁ ୨୫ କେ.ଜି ଚାଉଳ ଓ ୨ ଶହ ଟଙ୍କା ପ୍ରଦାନ କରାଯାଇଥିଲା। ଏଥିରେ ସେ ରାଜି ନ ହେବାରୁ ପଞ୍ଚାୟତ ପକ୍ଷରୁ ତାଙ୍କୁ ରିଲିଫ୍ ମିଳିବ ନାହିଁ କହି ଫେରାଇ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଗତ ୫ ତାରିଖରେ ସେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ସେହିଦିନ ବିଡିଓ ତାଙ୍କୁ ତୁରନ୍ତ ରିଲିଫ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ସେ ଧାରଣାରୁ ଉଠିଥିଲେ। କିନ୍ତୁ କୌଣସି କାରଣରୁ ବିଡିଓ ତାଙ୍କ ପ୍ରତିଶ୍ରୁତିରୁ ଓହରି ଯାଇ ରିଲିଫ ପ୍ରଦାନ କରିବାକୁ ଏବେ ମନା କରୁଥିବା ସୁକାନ୍ତ ଅଭିଯୋଗ କରିଛନ୍ତି। ତେଣୁ ସେ ପୁନର୍ବାର ଶୁକ୍ରବାର ପରିବାର ସହ ଧାରଣାରେ ବସିଥିଲେ। ଏହି ଧାରଣାକୁ ସ୍ଥାନୀୟ ସିପିଆଇ ପକ୍ଷରୁ ନୈତିକ ସମର୍ଥନ ପ୍ରଦାନ କରାଯାଇଥିବା ଦେଖିବାକୁ ମିଳିଥିଲା।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



ଅନ୍ତେବାସୀଙ୍କୁ ବସ୍ତ୍ର ପ୍ରଦାନ କରାଯାଉଛି।

**ବାରିପଦା ଅଫିସ,୧୦।୧୦**

ମୟୂରଭଞ୍ଜ ଜିଲା ସୁନାମୁହିଁ ନିକଟସ୍ଥ ଆରଡିଏସିର ହାପି ୱେ ହୋମ୍ ଅନ୍ତେବାସୀମାନଙ୍କୁ ନେଇ ଶନିବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଆରଡିଏସିର ସମ୍ପାଦକ ବିଜୟ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦଘାଟନ କରିଥିଲେ। ଅନ୍ତେବାସୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ସୁସ୍ଥ ହୋଇଥିବା ମାନସିକରୋଗୀଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ଜିଲାର କୋଣ ଅନୁକୋଣର ମାନସିକ ବିକାରଗ୍ରସ୍ତଙ୍କୁ ସେବା ଯୋଗାଇବା ଉଦ୍ଦେଶ୍ୟରେ ସଂସ୍ଥା ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଉଛି ବୋଲି ସେ କହିଥିଲେ। ବିଦ୍ୟୁତ୍‌ପ୍ରଭା ନାୟକ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟାମାନଙ୍କ ମଧ୍ୟରେ ଭାବଗ୍ରାହୀ ଆଚାର୍ଯ୍ୟ, ମୌନାବତୀ ଗିରି, ବିଷ୍ଣୁ ଘୋଷ ଓ ଆଲିମା ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରୀତିସ୍ମିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

**ବାରିପଦା ଅଫିସ,୧୦।୧୦**

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ପୋଲିସର ଅବହେଳା ଯୋଗୁ ମା'ବାପା ଛେଉଣ୍ଡ ଝିଅ ଘରକୁ ଫେରିପାରୁନାହାନ୍ତି। ଅଭିଯୁକ୍ତମାନଙ୍କ ଭୟରେ ସେ ତାଙ୍କ ଭଉଣୀ ଘରେ ଆଶ୍ରୟ ନେଇଥିବା ଅଭିଯୋଗ ହୋଇଛି। ଏହି ଥାନା ଅଧୀନ ଅନ୍ଧାରୀ ଗ୍ରାମର ତିଳୋତ୍ତମା ପାତ୍ରଙ୍କ ସହିତ ତାଙ୍କ ପଡ଼ୋଶୀଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଖବରପାଇ ତିଳୋତ୍ତମାଙ୍କ ବଡ଼ ଝିଅ ପୂର୍ଣ୍ଣିମା ବାପ ଘରେ ପହଞ୍ଚି ତାଙ୍କ ମା' ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଚିକିତ୍ସା ପାଇଁ ତିଳୋତ୍ତମାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ମାରପିଟ୍ କରୁଥିବା ୪ ବ୍ୟକ୍ତିଙ୍କ ନାମରେ ପୂର୍ଣ୍ଣିମା କୁଳିଅଣା ଥାନାରେ ଲିଖିତ ଏତାଲା ଦେଇଥିଲେ। ଘଟଣାର ୨୦ଦିନ ବିତି ଯାଇଥିଲେ ମଧ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି। ଏପରିକି ମା'ଙ୍କ ଶୁଦ୍ଧିକ୍ରିୟା ପାଇଁ ପଡ଼ୋଶୀ ବିରୋଧ କରୁଥିବାରୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ସେହି ଘରକୁ ନ ଯିବା ପାଇଁ ପରିବାର ଲୋକଙ୍କୁ ପରାମର୍ଶ ଦେଇଥିଲା। ଅନ୍ୟ ପକ୍ଷରେ ମାମଲା ପ୍ରତ୍ୟାହାର କରିବା ନେଇ ଅଭିଯୁକ୍ତମାନେ ବିଭିନ୍ନ ପ୍ରକାର ଧମକ ଚମକ ଦେଉଥିବା ପୂର୍ଣ୍ଣିମା ଅଭିଯୋଗ କରିଛନ୍ତି। ଏଭଳି ପରିସ୍ଥିତିରେ ମୃତ ତିଳୋତ୍ତମାଙ୍କ ସାନ ଝିଅ ଅନୀମା ଭୟଭୀତ ଅବସ୍ଥାରେ ତାଙ୍କ ଭଉଣୀଙ୍କ ଘରେ ଆଶ୍ରୟ ନେଉଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ଘରକୁ ଫେରି ପାରୁ ନାହାନ୍ତି। ଏ ସମ୍ପର୍କରେ ବାରିପଦା ଏସଡିପିଓ କେ. କେ. ହରିପ୍ରସାଦଙ୍କୁ ପଚାରିବାରୁ ମୃତ୍ୟୁକାଳୀନ ଜମାନବନ୍ଦୀକୁ ନେଇ ତଦନ୍ତ ଚାଲିଥିବା କହିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର

**ରାଇରଙ୍ଗପୁର,୧୦।୧୦(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳର ଜୈନିକା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ.୧୫୫/୨୦) ରୁଜୁ କରି ଶନିବାର ଅଭିଯୁକ୍ତ ଯୁବକଙ୍କୁ କୋର୍ଟଚାଲାଣ କରିଛି। ରାଇରଙ୍ଗପୁର ହସ୍ପିଟାଲରେ ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ୧୦ ବର୍ଷୀୟା ଉକ୍ତ ନାବାଳିକା ଜଣକ ଘର ବାହାରେ ଏକୁଟିଆ ବୁଲୁଥିବାବେଳେ ଅଭିଯୁକ୍ତ ଯୁବକ ତାଙ୍କୁ ଘରକୁ ଟେକି ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା।

# ଜିଲାପାଳଙ୍କୁ ସ୍ମାରକପତ୍ର ଦେଲେ ମହିଳା

**ଭଦ୍ରକ ଅଫିସ,୧୦।୧୦**

ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ନେଇ ଗଠନ କରାଯାଇଥିବା ମହିଳା ମହାସଂଘର ସଭାନେତ୍ରୀ ଓ ସମ୍ପାଦିକାଙ୍କ ବିରୋଧରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ମହିଳା ସଦସ୍ୟାମାନେ। ବିନା ବିଜ୍ଞାପନରେ ସିଆର୍‌ପି ଏବଂ ଏମ୍‌ବିକେ ନିଯୁକ୍ତି ପ୍ରକ୍ରିୟାକୁ ନେଇ ସେମାନେ କିଭଳି ନିୟମ ବିରୋଧୀ କାର୍ଯ୍ୟ କରୁଛନ୍ତି ସେନେଇ ଲିଖିତ ଭାବେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଚଞ୍ଚକତା କରି ଏହ ନିଯୁକ୍ତି ପ୍ରକ୍ରିୟା କରାଯାଇଥିବାରୁ ଯୋଗ୍ୟ ମହିଳା ବାଦ୍ ପଡ଼ିଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ବର୍ଷାରାଣୀ ସାହୁ, ମାଳତୀ ବିଶ୍ୱାଳ, ଜ୍ୟୋସ୍ନାରାଣୀ ନାୟକ, ଲିପା ସାହୁ, ମନୋରମା ଜେନା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ଏଚ୍‌ଜି ମହିଳାମାନେ।

# 'ସମସ୍ୟା ସମାଧାନକୁ ଗୁରୁତ୍ୱ ଦିଆଯାଉନି'

**ବାଲେଶ୍ୱର ଅଫିସ, ୧୦।୧୦**

## ଉଦ୍‌ବେଗ ପ୍ରକାଶ କଲା ଉଠାଜଳସେଚନ ନିଗମ କର୍ମଚାରୀ ସଂଘ



ସାଧାରଣ ସଭାରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ପଡୁଆଁପଦାସ୍ଥିତ ଓଡ଼ିଶା ଉଠାଜଳସେଚନ ନିଗମ କର୍ମଚାରୀ ସଂଘର ନିଜସ୍ୱ କାର୍ଯ୍ୟାଳୟରେ ଏକ ସାଧାରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ସଂଘ ଓ ଏଆଇଟିୟୁସିର ଦିବଂଗତ ନେତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏଥିସହିତ କରୋନା ସଂକ୍ରମଣ ସମୟରେ ସମସ୍ତ ସତର୍କତା ଅବଲମ୍ବନ କରିବାକୁ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ଅବଗତ କରାଯାଇଥିଲା।

ସଂଘ ସଭାପତି ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ଜେନା ନିଗମରୁ ଦୀର୍ଘବର୍ଷ ଧରି ଅବସର ନେଇଥିବା ସମସ୍ତ କର୍ମଚାରୀଙ୍କୁ ପେନସନ ଓ ବଳକା ଅର୍ଥ ଫେରସ୍ତ, ଏନ୍‌ଏମ୍‌ଆର ଏବଂ ୱାର୍କଚାର୍ଜ କାର୍ଯ୍ୟକାଳର ଗ୍ରାଚ୍ୟୁଇଟି, କାର୍ଯ୍ୟରତ କର୍ମଚାରୀଙ୍କୁ ବର୍ଦ୍ଧିତ ମହଙ୍ଗା ଭତ୍ତା, ଡିଭିଜନ ଓ ସବ୍‌ଡିଭିଜନରେ କିରାଣି ଏବଂ ପିଅନ ନିଯୁକ୍ତି ପାଇଁ ବୈଠକରେ ଆଲୋଚନା କରିଥିଲେ। କୋଭିଡ୍-୧୯ରେ ସମସ୍ତ ପରିବାରର ଆୟ ହ୍ରାସ ପାଇଥିବାରୁ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ କରାଯାଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇବା ସହ ନିଗମ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସଂଘ କର୍ମକର୍ତ୍ତା ମାୟାଧର ନାୟକ, ଭାଗବତ ପ୍ରତିହାରୀ, ମଧୁସୂଦନ ଜେନା, ଶରତ ଚନ୍ଦ୍ର ଦଳାଇ, ଉପଦେଷ୍ଟା ନିରଞ୍ଜନ ପରିଡ଼ାଙ୍କ ସମେତ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲାର ନେତୃବୃନ୍ଦଙ୍କ ମଧ୍ୟରୁ ହରିଶଚନ୍ଦ୍ର ବିଶ୍ୱାଳ, ସନ୍ତୋଷ ଦଳାଇ, କାର୍ତ୍ତିକ ଚନ୍ଦ୍ର ନାୟକ, ଚକ୍ରଧର ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ପାତ୍ର, ରଘୁନାଥ ମହାରଣା ଓ ନଟକୃଷ୍ଣ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

